ଏକଲବ୍ୟ ପ୍ରକାଶନ

# ମୂଷାକୁ ମିଳିଗଲା ପେନ୍‌ସିଲ୍

ଏକ ଚିତ୍ର କଥା



ବି. ସୁତେୟେବ

# ମୂଷାକୁ ମିଳିଗଲା ପେନ୍‌ସିଲ୍

ଚିତ୍ର ଏବଂ କାହାଣୀ:
**ବି. ସୁତେୟେବ**

ଏକଲବ୍ୟ ପ୍ରକାଶନ

# ମୂଷାକୁ ମିଳିଗଲା ପେନ୍ସିଲ୍

# Mussa Miligala Pencil

A pictures story

From *STORIES AND PICTURES*
Progress Publishers, MOSCOW
Text and illustrations: V. Suteyev
Oriya Translation: Ramesh Gumansingh

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 100 gsm Maplitho and 210 gsm Paper board (Cover)
ISBN: 978-81-936759-3-9
Price ₹ 70.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at Box Corrugators and Offset Printers, Bhopal, Phone +91 258 7651





# ମୂଷାକୁ ମିଳିଗଲା ପେନ୍‌ସିଲ୍



ଥରେ ଗୋଟିଏ ମୂଷା ଖାଇବା ପାଇଁ କଣ ଖୋଜୁଥିଲା ।
ତାକୁ ଗୋଟିଏ ପେନ୍‌ସିଲ୍ ମିଳିଗଲା ।





ମୂଷା ପେନ୍‌ସିଲ୍‌ଟିକୁ ନେଇ ଗାତ ଭିତରେ ପଶିଗଲା । "ମତେ ଛାଡ଼ି ଦେ, ମତେ ତୁ ଯିବାକୁ ଦେ," ପେନ୍‌ସିଲ୍‌ଟି ମୂଷାକୁ କାକୁତି ମିନତି ହୋଇ କହିଲା । "ମୁଁ ତୋର କି କାମରେ ଲାଗିବି କହିଲୁ, କାଠ ଖଣ୍ଡେ ମୁଁ । ଖାଇବାକୁ ଜମା ଭଲ ଲାଗିବି ନାହିଁ ।"






"ମୁଁ ତୋତେ କୁଟୁରୁ କୁଟୁରୁ କରି କାମୁଡ଼ି କାଟିବି ।" ମୂଷା କହିଲା । "ମୋ ଦାନ୍ତକୁ ଧାରୁଆ ଓ ଛୋଟ ରଖିବା ପାଇଁ ସବୁବେଳେ କିଛି ନା କିଛି କାଟିବାକୁ ପଡ଼ିଥାଏ ।" ଏହା କହି ମୂଷାଟି, ପେନ୍‌ସିଲ୍‌କୁ କାଟିବା ଆରମ୍ଭ କରିଦେଲା ।




ଏଇ ! "ମୋତେ ଭାରି କାଟୁଛି," ପେନ୍‌ସିଲ୍‌ଟି କହିଲା । "ଆଚ୍ଛା, ତୁ ମୋତେ ଶେଷ ଚିତ୍ରଟିଏ ଆଙ୍କିବା ପାଇଁ ଗୋଟିଏ ସୁଯୋଗ ଦେ, ତା'ପରେ ତୁ ଯାହା ମନ ତାହା କରିବୁ । "



"ଠିକ୍ ଅଛି," ମୂଷାଟି କହିଲା । "ତୁ ଚିତ୍ର କରି ନେ । ତା'ପରେ ଚୋବେଇ ଚୋବେଇ ମୁଁ ତୋତେ ଖଣ୍ଡ ଖଣ୍ଡ କରିଦେବି । "




ପେନ୍‌ସିଲ୍‌ଟି ଶାନ୍ତିରେ ନିଶ୍ୱାସ ମାରିଲା । ଗୋଟିଏ ବଡ଼ ଗୋଲ ତିଆରି କରିଦେଲା । ତାକୁ ଦେଖି ମୂଷା ପଚାରିଲା, “ଏଇଟା କ’ଣ ଛେନା ଖଣ୍ଡ କି ?”



“ଠିକ୍ ଅଛି, ଆମେ ଏହାକୁ ଛେନା ଖଣ୍ଡ ହିଁ କହିବା ।” ପେନ୍‌ସିଲ୍ କହିଲା । ତା’ପରେ ପୁଣି ପେନ୍‌ସିଲ୍ ସେହି ବଡ଼ ଗୋଲ ଭିତରେ ତିନୋଟି ଛୋଟ ଛୋଟ ଗୋଲ ତିଆରି କଲା ।

“ହଁ, ଏବେ ଏହା
ଛେନା ଭଳି ଲାଗୁଛି ।”
ମୂଷାଟି କହିଲା ।
“ଆଛା ଏଥିରେ ସେଇ
ଯେଉଁ କଣା ଦେଖା
ଯାଉଛି ।”



“ଠିକ୍ ଅଛି, ଆମେ ତାହେଲେ ତାକୁ ଛେନାରେ କଣା ବୋଲି କହିବା ।” ପେନ୍ସିଲ୍ ମୂଷା କଥାରେ ରାଜି ହୋଇଗଲା ଏବଂ ସେ ବଡ଼ ଗୋଲ୍ ତଳେ ଆଉ ଗୋଟିଏ ବଡ଼ ଗୋଲ୍ ତିଆରି କଲା ।




"ଆରେ, ଏଇଟା ତ ସେଓ," ମୂଷାଟି କହି ଉଠିଲା ।




"ହଁ ହଁ, ଏହାକୁ ସେଓ କହିବା," ପେନ୍‌ସିଲ୍ କହିଲା । ପେନ୍‌ସିଲ୍‌ଟି ଦ୍ୱିତୀୟ ବଡ଼ ଗୋଲ୍ ତଳେ ଆଉ କିଛି ଅଦ୍ଭୁତ ଚିତ୍ର ତିଆରି କରିବାରେ ଲାଗିଗଲା ।


"ଆରେ ବାଃ । ଏବେ ତ
ମଜା ଆସିଗଲା । ଏହା ତ
ଚମ୍ ଚମ୍ ।" ମୂଷା ପାଟିରୁ
ଲାଳ ବୋହିବାକୁ ଲାଗିଲା ।
"ଶୀଘ୍ର କର । ମୁ ତାକୁ
ଖାଇବି ।"



ପେନ୍‌ସିଲ୍‌ଟି ଉପରେ ଥିବା ଗୋଲ୍ ଉପରେ ଦୁଇଟି ଛୋଟ ଛୋଟ ତିନିକୋଣିଆ ଚିତ୍ର ଆଙ୍କିଦେଲା ।




"ଆରେ, ଆରେ !" ମୂଷାଟି ଚିତ୍କାର କଲା । "ଏବେ ତ ତୁ ଏହାକୁ ବିଲେଇ ଭଳି ତିଆରି କରୁଛୁ । ଆଉ ଆଗକୁ ତିଆରି କରନା ।"



କିନ୍ତୁ ପେନ୍‌ସିଲ୍ କିଛି ନଶୁଣି ତିଆରି କରି ଚାଲିଲା । ସେ ଉପରେ ଥିବା ଗୋଲ୍‌ରେ ଲମ୍ବା ଲମ୍ବା ନିଶ ଓ ମୁହଁ ତିଆରି କରିଦେଲା ।

ମୂଷା ଡରିକି ପାଟିକଲା, "ଆରେ ବାପାରେ ! ଇଏତ ପୂରା ପ୍ରକୃତ ବିଲେଇ ଭଳି ଲାଗୁଛି । ବଞ୍ଚାଅ..ବଞ୍ଚାଅ..।"

ଏହା କହି ସେ ଦୌଡ଼ିଯାଇ ତା ନିଜ ଗାତ ଭିତରେ ପଶିଗଲା ।



ତୁମେ କ'ଣ ଏପରି ଏକ ବିଲେଇ ତିଆରି କରି ପାରିବ,
ଯାହାକୁ ଦେଖି ମୂଷା ଡରିଯିବ ।

ଏକଲବ୍ୟ ପ୍ରକାଶନ

parag
AN INITIATIVE OF TATA TRUSTS

Price: ₹ 70.00

9788193675939